# ସାହିତ୍ୟ ଏକାଡେମୀ ସଚିବ ଶ୍ରୀନିବାସରାଓଙ୍କୁ ପ୍ରକାଶକ ବନ୍ଧୁ ପୁରସ୍କାର




ଭୁବନେଶ୍ୱର,୩୦।୯(ବ୍ୟୁରୋ): ଫେଡରେସନ୍ ଅଫ୍ ଇଣ୍ଡିଆନ୍ ପବ୍ଲିଶର୍ସର ୪୪ ତମ ପୁରସ୍କାର ପ୍ରଦାନ ଉତ୍ସବରେ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ଉତ୍କର୍ଷତା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓଙ୍କୁ ପ୍ରକାଶକ ବନ୍ଧୁ ଭାବରେ ପୁରସ୍କୃତ କରାଯାଇଛି। ଭାରତୀୟ ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ସ୍ଥିତ ଦି କ୍ଲେରିଜ ହୋଟେଲ୍‌ରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚତମ ନ୍ୟାୟାଳୟର ପୂର୍ବତନ ବିଚାରପତି ହିମା କୋହଲି ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ ଅତିଥି ଭାବରେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସମାରୋହରେ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ସଂସ୍କୃତ ପତ୍ରିକା 'ସଂସ୍କୃତ ପ୍ରତିଭା'କୁ ପ୍ରଥମ ପୁରସ୍କାର ଏବଂ ହିନ୍ଦୀ ପତ୍ରିକା 'ସମକାଳୀନ ଭାରତୀୟ ସାହିତ୍ୟ'କୁ ଦ୍ୱିତୀୟ ପୁରସ୍କାର ତଥା ବାଲ୍ ସାହିତ୍ୟ ପୁରସ୍କାର ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଫେଡରେସନ୍ ଅଫ୍ ଇଣ୍ଡିଆନ୍ ପବ୍ଲିଶର୍ସ ଦେଶର ପ୍ରକାଶନ କ୍ଷେତ୍ରରେ କାର୍ଯ୍ୟରତ ସର୍ବୋଚ୍ଚ ସଂସ୍ଥା। ଏହି ସଂସ୍ଥା ପ୍ରକାଶନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରତିବର୍ଷ ପ୍ରକାଶକମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରିଥାଏ। ସାହିତ୍ୟ ଏକାଡେମୀ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସାହିତ୍ୟ ସଂସ୍ଥା, ଯିଏ ୨୪ଟି ଭାରତୀୟ ଭାଷାରେ ପୁସ୍ତକ ପ୍ରକାଶନ କରିଥାଏ। ଏକାଡେମୀ ତରଫରୁ ପ୍ରତିବର୍ଷ ୫୦୦ରୁ ଅଧିକ ପୁସ୍ତକ ପ୍ରକାଶ ହୋଇଥାଏ।